# THE COASTAL REGULATION ZONE (CRZ) NOTIFICATION 2011

A primer for coastal fishing communities (Draft)

in Oriya



June 2011

# ସାମୁଦ୍ରିକ ଉପକୂଳ ନିୟନ୍ତ୍ରଣ କ୍ଷେତ୍ର (CRZ)

# ଅଧିସୂଚନା-୨୦୧୧

## ଉପକୂଳବର୍ତ୍ତୀ ମତ୍ସ୍ୟଜୀବୀ ଗୋଷ୍ଠୀଙ୍କ ପାଇଁ ପ୍ରାଥମିକତା

**ପ୍ରାରମ୍ଭିକ ସୂଚନା-** କେନ୍ଦ୍ର ସରକାରଙ୍କ ପରିବେଶ ଓ ଜଙ୍ଗଲ ବିଭାଗ ମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ଜୟରାମ ରମେଶ ମହୋଦୟ ଗତ ୨୦୧୧ ମସିହା ଜାନୁଆରୀ- ୬ ତାରିଖରେ ଉକ୍ତ "ସାମୁଦ୍ରିକ ଉପକୂଳ ନିୟନ୍ତ୍ରଣ କ୍ଷେତ୍ର(CRZ) ଅଧିସୂଚନା ୨୦୧୧" (ଭାରତ ସରକାର-୨୦୧୧) ପ୍ରକାଶ କରିଅଛନ୍ତି। ପୂର୍ବରୁ ଥିବା ସାମୁଦ୍ରିକ ଉପକୂଳ ନିୟନ୍ତ୍ରଣ କ୍ଷେତ୍ର (CRZ) ଅଧିସୂଚନା-୧୯୯୧କୁ ଦୀର୍ଘବର୍ଷ ଧରି ବହୁବାର ଆଲୋଚନା ପର୍ଯ୍ୟାଲୋଚନା ମାଧମରେ ତର୍ଜମାର ସମାପ୍ତ କରାଯାଇ ଉକ୍ତ ୨୦୧୧ ଅଧିନିୟମ କରାଯାଇଛି, ଯେଉଁଥିରେ କି ମତ୍ସ୍ୟଜୀବୀ ଓ ପରିବେଶ ଗୋଷ୍ଠୀଙ୍କ ଉଚ୍ଚ ଆକାଂକ୍ଷା ପ୍ରତି ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି।

ଉକ୍ତ ୨୦୧୧ ଅଧିସୂଚନାରେ ମତ୍ସ୍ୟଜୀବୀ ଗୋଷ୍ଠୀଙ୍କ ମଧରେ ସଚେତନତା ବୃଦ୍ଧି ଏବଂ ତତ୍‌ସମ୍ପର୍କୀତ ଅନୁଷ୍ଠାନ ଗୁଡିକୁ ସହାୟତା ପ୍ରଦାନ ନିମନ୍ତେ ଏଥିରେ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଉପକୂଳ ପରିବେଶର ଅଧିକ ସୂଚନା ଦିଗରେ ସମ୍ପୃକ୍ତ ଗୋଷ୍ଠୀକିଭଳି ଭୂମିକା ଗ୍ରହଣ କରିପାରିବେ ସେଥିନେଇ ମଧ ବ୍ୟବସ୍ଥା କରାଯାଇଛି।

**ପ୍ରଥମ ଭାଗ (Part-1)**- ପ୍ରାଥମିକତାର ପ୍ରଥମଭାଗରେ ଉକ୍ତ ଅଧିସୂଚନା-୨୦୧୧ ଦ୍ୱାରା ମତ୍ସ୍ୟଜୀବୀ ଗୋଷ୍ଠୀଙ୍କ ସ୍ୱାର୍ଥରକ୍ଷା ଦିଗରେ ଏହା କେତେଦୂର ଲାଭପ୍ରଦ ଅଥବା ହାନୀକାରକ ହୋଇଛି ଏବଂ ସମ୍ପୃକ୍ତ ଗୋଷ୍ଠୀ କିଭଳି ଭାବେ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ନୂତନ ନିଷ୍ପତ୍ତିମାନ ଗ୍ରହଣ କରିବେ। ଏହାର ପରିଚାଳନା ଓ କ୍ରିୟାନ୍ୱୟନ କରିପାରିବେ, ସେ ଦିଗରେ ମଧ ବ୍ୟବସ୍ଥା ଗ୍ରହଣ କରାଯାଇଛି।

**ଦ୍ୱିତୀୟ ଭାଗ (Part-2)** - ଉକ୍ତ ପ୍ରାଥମିକତାର ଦ୍ୱିତୀୟ ଭାଗରେ ଉକ୍ତ ୨୦୧୧ ଅଧିସୂଚନା ସମ୍ପର୍କୀତ ବିଭିନ୍ନ ତଥ୍ୟ ଏବଂ ମୁଖ୍ୟ ସୁବିଧାସୁଯୋଗ ଗୁଡିକୁ ଅତି ସରଳ ଭାବେ ଅବଗତ କରାଇବାରେ ବ୍ୟବସ୍ଥା କରାଯାଇଛି।

## ପ୍ରଥମ ଭାଗ

## (Part-1)

### ୧. ସାମୁଦ୍ରିକ ଉପକୂଳ ନିୟନ୍ତ୍ରଣ କ୍ଷେତ୍ର ଅଧିସୂଚନା- ୨୦୧୧ କଣ?

### (What is the Costal Regulation Zone Notification-2011?)

ଭାରତ ସରକାରଙ୍କ ପରିବେଶ ସୁରକ୍ଷା ଆଇନ-୧୯୮୬ ଅନୁଯାୟୀ ଉକ୍ତ ସାମୁଦ୍ରିକ ଉପକୂଳ ନିୟନ୍ତ୍ରଣ କ୍ଷେତ୍ର ଅଧିସୂଚନା-୨୦୧୧ ଜାରୀ କରାଯାଇଛି। ଯେଉଁଥିରେ ଦେଶର ବିସ୍ତୀର୍ଣ୍ଣ ସାମୁଦ୍ରିକ ଉପକୂଳ ଏବଂ ଉପକୂଳଠାରୁ ୧୨ ମାଇଲ ଯାଏ ଜଳରାଶି ଅଞ୍ଚଳ ତଥା ଜୁଆର ଦ୍ୱାରା ପ୍ରଭାବିତ ଅଞ୍ଚଳକୁ ନେଇ ଏ ସବୁ ସାମୁଦ୍ରିକ ଉପକୂଳ ନିୟନ୍ତ୍ରଣ କ୍ଷେତ୍ର ଭାବେ (CRZ) ଏସବୁ ଅଞ୍ଚଳରେ କଳକାରଖାନା କୌଣସି ପ୍ରକାର କାର୍ଯ୍ୟ ଅଥବା ବ୍ୟବସ୍ଥା ଗ୍ରହଣ କରିବାରେ ବାରଣ ରଖାଯାଇଛି।

ଏହାଦ୍ୱାରା ପୂର୍ବରୁ ଥିବା ସାମୁଦ୍ରିକ ଉପକୂଳ ନିୟନ୍ତ୍ରଣ କ୍ଷେତ୍ର ଅଧିସୂଚନା-୧୯୯୧କୁ ପରିବର୍ତ୍ତନ କରାଯାଇ ନୂତନ ଅଧିନିୟମ -୨୦୧୧କୁ ୨୫ଟି ସଂଶୋଧନ ସହ ନୂତନ ଭାବେ ଲାଗୁ କରାଯାଇଛି। ଏହାଦ୍ୱାରା ଦେଶର ଉପକୂଳ ଅଞ୍ଚଳର ଗୁଡିକର ସୁରକ୍ଷା ଦିଗରେ ଉକ୍ତ ୨୦୧୧ ଅଧିନିୟମ ଦ୍ୱାରା କୋହଳ କରାଯାଇଛି।

**ଅଧିସୂଚନା-୨୦୧୧ରେ ପ୍ରଦତ୍ତ ଆଭିମୁଖ୍ୟ ଗୁଡିକ ହେଲା ଯେ-**

- ଉପକୂଳ ଅଞ୍ଚଳରେ ବସବାସ କରୁଥିବା ମତ୍ସ୍ୟଜୀବୀ ଓ ଅନ୍ୟ ଗୋଷ୍ଠୀମାନଙ୍କର ଜୀବନ ଜୀବିକାକୁ ସୁରକ୍ଷିତ କରିବା।
- ଉପକୂଳ ଅଞ୍ଚଳରେ ସାମୁଦ୍ରିକ ବେଳା, ଏହାର ପ୍ରାକୃତିକ ପରିବେଶ ତଥା ସାମୁଦ୍ରିକ କ୍ଷେତ୍ରକୁ ସୁରକ୍ଷିତ ଓ ସଂରକ୍ଷିତ ରଖିବା।
- ସାମୁଦ୍ରିକ ପ୍ରଭାବ, ପ୍ରାକୃତିକ ବିପତ୍ତି ଓ ବିପର୍ଯ୍ୟୟ ଦ୍ୱାରା ଉପକୂଳ ଅଞ୍ଚଳରେ ଗ୍ଲୋବାଲ ୱାର୍ମିଂ ଦ୍ୱାରା ସାମୁଦ୍ରିକ ଜଳପତ୍ତନ ବୃଦ୍ଧି( ସୁନାମୀ) ଦୃଷ୍ଟିରୁ ବିଜ୍ଞାନ ସମ୍ମତ ଭାବେ ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥାକୁ ବିକଶତି କରିବା।

**ଉକ୍ତ ୨୦୧୧ ଅଧିସୂଚନା ଅନୁଯାୟୀ ସମୁଦାୟ ସାମୁଦ୍ରିକ ଉପକୂଳ ନିୟନ୍ତ୍ରଣ କ୍ଷେତ୍ରକୁ ନିମ୍ନ ୪ଟି ଶ୍ରେଣୀରେ ଭାଗ କରାଯାଇଛି।**

(କ) ଉପକୂଳ ନିୟନ୍ତ୍ରଣ କ୍ଷେତ୍ର କ୍ଷେତ୍ର-୧ମ(CRZ-I)- ଏହି ଶ୍ରେଣୀର କ୍ଷେତ୍ର ଗୁଡିକ ପରିବେଶ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ(Ecological Sensitive) ଅଟେ।

(ଖ) ଉ.ନି. କ୍ଷେତ୍ର ୨ୟ (CRZ-II)ଉପକୂଳ ଅଞ୍ଚଳରେଥିବା ପ୍ରକଳ୍ପ ଅଞ୍ଚଳ ଗୁଡିକ

(ଗ) ଉ.ନି. କ୍ଷେତ୍ର ୩ୟ (CRZ-III)ଉପକୂଳ ନିକଟସ୍ଥ ଗ୍ରାମାଞ୍ଚଳ ଗୁଡିକ
(ଘ) ଉ.ନି.କ୍ଷେତ୍ର ୪ର୍ଥ (CRZ-IV)ଉପକୂଳର ଜଳଭାଗ ପ୍ରଭାବିତ, ଜୁଆର ଓ ଆଞ୍ଚଳିକ ଜଳୀୟ ପ୍ରଭାବିତ ଅଞ୍ଚଳ।

**୨. ଉପକୂଳ ନିୟନ୍ତ୍ରଣ କ୍ଷେତ୍ର ଅଧିନିୟମ ୨୦୧୧(CRZ-2011) ଓ ଉ.ନି. କ୍ଷେତ୍ର(CRZ) ଅଧିନିୟମ- ୧୯୯୧ ମଧ୍ୟରେ କେତେକ ମୁଖ୍ୟ ପ୍ରାର୍ଥକ୍ୟ।**

○ **ଆଞ୍ଚଳିକ ଜଳଭାଗ କ୍ଷେତ୍ରକୁ ସାମିଲ-** ଉକ୍ତ ୨୦୧୧ ଅଧିସୂଚନାରେ ନୂତନ ଭାବେ ସମୁଦ୍ର ବେଳାଭୂମି ଓ ୧୨ ମାଇଲ ଯାଏ ଜଳରାଶି ପ୍ରଭାବିତ ଉପକୂଳ ଅଞ୍ଚଳ ତଥା ଏହାର ଅର୍ନ୍ତଗତ ଆଡିବନ୍ଧ, ନଦୀ ଓ ଜୁଆର ପ୍ରଭାବିତ ଅଞ୍ଚଳ ଗୁଡିକୁ ଅର୍ନ୍ତଭୁକ୍ତ କରାଯାଇଛି।

○ **ଦ୍ୱିପାଞ୍ଚଳ ପାଇଁ ସ୍ୱତନ୍ତ୍ର ଅଧିସୂଚନା-** ଉପରୋକ୍ତ ଅଧିସୂଚନାରେ ଦ୍ୱିପାଞ୍ଚଳ ବିଶେଷକରି ଆଣ୍ଡାମାନ, ନିକୋବର ଓ ଲାକ୍ଷାଦ୍ୱୀପ ତଥା ତତ୍‌ସଂଲଗ୍ନ ବେଳାଭୂମି ଅଞ୍ଚଳ ଗୁଡିକ ତାହାର ନିର୍ଦ୍ଧିଷ୍ଟ ଆଞ୍ଚଳିକ ସୀମିତ କ୍ଷେତ୍ର ଗୁଡିକୁ ୨୦୧୧ ଅଧିସୂଚନା ନିୟମରୁ ବାଦ୍ ଦିଆଯାଉଛି। ଏ ସବୁ ଦ୍ୱିପାଞ୍ଚଳ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ଦ୍ୱିପାଞ୍ଚଳ ସୁରକ୍ଷା କ୍ଷେତ୍ର ଅଧିସୂଚନା ପ୍ରକାଶ କରାଯାଇଛି।

○ **ବିପଦଶଙ୍କୁଳ ରେଖା (Hazard line)-** ବିଭିନ୍ନ ପରିସ୍ଥିତିରେ ସାମୁଦ୍ରିକ ଉପକୂଳରେ ଜୁଆର, ଢେଉ, ଜଳପତ୍ତନର ଆକସ୍ମିକ ବୃଦ୍ଧି(ସୁନାମୀ) ଏବଂ ଉପକୂଳ ଅଞ୍ଚଳର ଭୌଗୋଳିକ ପରିବର୍ତ୍ତନ ଆଦି ଘଟୁଥିବ ବିପଦଶଙ୍କୁଳ ଅଞ୍ଚଳରେ ଧନଜୀବନ ଓ ଜୀବୀକା ବିପନ୍ନ ହେବା ନିଶ୍ଚିତ ଥିବା ଯୋଗୁ ଏଭଳି ଅଞ୍ଚଳଗୁଡିକୁ ବିପଦଶଙ୍କୁଳ ଭାବେ (Hazard) କୁହାଯାଉଛି। ଏସବୁ ବିପଦଶଙ୍କୁଳ ଅଞ୍ଚଳ ଗୁଡିକୁ ଚିହ୍ନଟ କରାଯିବା ଏବଂ ଏସବୁ ଅଞ୍ଚଳଠାରୁ ଦ୍ୱିଭାଗରେ ୫୦୦ମିଟର ଯାଏ ଅଞ୍ଚଳକୁ ଏହି ଶ୍ରେଣୀୟ ଅଞ୍ଚଳରେ ଅନ୍ତର୍ଭୁକ୍ତ କରାଯିବାକୁ ବ୍ୟବସ୍ଥା କରାଯାଇଛି। ସେହିପରି ସମୁଦ୍ର ମୁହାଣ ଓ ଜୁଆର ପ୍ରଭାବିତ ଭୂଭାଗର ୧୦୦ ମିଟର ଦୂରତ୍ୱ ଯାଏ ବିପଦଶଙ୍କୁଳ ଭାବେ ଗ୍ରହଣ କରାଯିବା ସହ ଆବଶ୍ୟକ ହେଲେ ଏହି ଦୂରତ୍ୱ ଆହୁରି ବୃଦ୍ଧି କରାଯାଇପାରେ ବୋଲି ଉକ୍ତ ଅଧିସୂଚନାରେ ବ୍ୟବସ୍ଥା କରାଯାଇଛି।

○ **ସ୍ୱତନ୍ତ୍ର ବିଚାରଣୀୟ ଅଞ୍ଚଳ (Areas Requiring Special Consideration)-** ପୂର୍ବରୁ ଉ.ନି.କ୍ଷେତ୍ର ଅଧିସୂଚନା-୧୯୯୧ରେ ଦେଶର ମୋଟମୋଟି ସମସ୍ତ ସାମୁଦ୍ରିକ ଉପକୂଳ କ୍ଷେତ୍ରର ନିୟନ୍ତ୍ରଣ ପାଇଁ ଗୋଟିଏ ପ୍ରକାର ନିୟମ ପ୍ରସ୍ତୁତ ହୋଇଥିଲା। କିନ୍ତୁ ଅଧିସୂଚନା-୨୦୧୧ରେ ମୁମ୍ବାଇ, କେରଳ, ଗୋଆ ପ୍ରଭୃତି ଅଞ୍ଚଳ ଗୁଡିକର ସ୍ୱତନ୍ତ୍ର ସାମାଜିକ ସମସ୍ୟା ଓ ପରିବେଶକୁ ଦୃଷ୍ଟିରେ ରଖି ଏ ଅଞ୍ଚଳ ଗୁଡିକୁ ଅଧିସୂଚନା ଅଲଗା କରାଯାଇଛି।

○ **ଜଟିଳ ହିଂସ୍ର ଉପକୂଳ ଅଞ୍ଚଳ (Critical Vulnerable Coastal Area-CVCA)-** ଏଥିରେ ଜଟିଳ ହିଂସ୍ର ଉପକୂଳ ଅ-ଚଳ ବୋଲି କୁହାଯାଉଥିବା ଶ୍ରେଣୀ ଭିତରେ ମୁଖ୍ୟତଃ ପଶ୍ଚିମବଙ୍ଗର ସୁନ୍ଦରବଣ ଓ ସେହିପରି ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳଗୁଡିକ ଅନ୍ତର୍ଭୁକ୍ତ କରାଯାଇ ପରିବେଶ ସୁରକ୍ଷା ଆଇନ ୧୯୮୬ ମତେ ଚିହ୍ନିତ କରାଯାଇଛି।

○ **ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର ପାଇଁ ନିଷିଦ୍ଧ ଅଞ୍ଚଳ(SEZ not allowed)-** ଉକ୍ତ ୨୦୧୧ ଅଧିସୂଚନା ଅନୁଯାୟୀ ନିୟନ୍ତ୍ରଣ କ୍ଷେତ୍ରର ଅଞ୍ଚଳକୁ ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର (SEZ) ଭାବେ ବ୍ୟବହାର ପାଇଁ ଅନୁମତି ମିଳିପାରିବ ନାହିଁ।

○ **ଅନୁମୋଦନ ନିମନ୍ତେ ବ୍ୟବସ୍ଥା (Procedure for clearance)-** ପୂର୍ବରୁ ଲାଗୁ ହୋଇଥିବା ୧୯୯୧ ଅଧିସୂଚନା ଅନୁଯାୟୀ ଉପକୂଳ ନିୟନ୍ତ୍ରଣ କ୍ଷେତ୍ରରେ କୌଣସି ଅନୁମୋଦନ ପାଇଂ ନିର୍ଦ୍ଦିଷ୍ଟ କିଛି ବ୍ୟବସ୍ଥା କିମ୍ବା ସମୟ ସୀମା ନଥିଲା। ଏମିତିକି କୌଣସି ଆବେଦନପତ୍ରର ନିର୍ଦ୍ଦିଷ୍ଟ ଫର୍ମ ମଧ ନଥିଲା। କିନ୍ତୁ ୨୦୧୧ ଅଧିସୂଚନାରେ ଏଥିନେଇ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ସହ ସମୟ ସୀମା ମଧ ଧାର୍ଯ୍ୟ କରାଯାଇଛି।

○ **ପରିଚାଳନା ଓ କ୍ରିୟାନ୍ୱୟନ (Monitoring and enforcement)-** ଉକ୍ତ ଅଧିସୂଚନାରେ କ୍ରିୟାନ୍ୱୟନ କ୍ଷେତ୍ରରେ ଉଲ୍ଲେଖ ହୋଇଥିବା ନିୟମର ଉଲଙ୍ଘନ ଗୁଡିକୁ ତଦାରଖ କରାଯାଇ ଉକ୍ତ ବ୍ୟବସ୍ଥାକୁ ଶକ୍ତିଶାଳୀ କରାଇବାକୁ ଉଦ୍ଦିଷ୍ଟ ଅଟେ। ପୁନଶ୍ଚ ଅନୁମୋଦନ ପରଠାରୁ ପରିଚାଳନା ବିଧିବ୍ୟବସ୍ଥାକୁ କଡାକଡି କରାଯିବାକୁ ନିୟମ କରାଯାଇଛି।

○ **ସ୍ୱଚ୍ଛତା (Monitoring and enforcement)-** ଉକ୍ତ ୨୦୧୧ ଅଧିସୂଚନାରେ ସ୍ୱଚ୍ଛତା ରକ୍ଷାଦିଗରେ କେତେକ ପଦକ୍ଷେପ ଦିଆଯାଇଛି। ତଥାପି ଜନସାଧାରଣଙ୍କ ବିଚାର ଆଲୋଚନାକୁ ଏଥିରେ ସାମିଲ କରାଯାଇଛି।

○ **ଅବକ୍ଷୟ ଓ ସନ୍ତସନ୍ତିଆ ଅଞ୍ଚଳ ଚିହ୍ନଟ -** ମନୁଷ୍ୟକୃତ ଗତିବିଧି ଦ୍ୱାରା ସାମୁଦ୍ରିକ ଉପକୂଳ ଅଞ୍ଚଳରେ ଅବକ୍ଷୟ ମାନ ଘଟୁଥିବା ଦେଖାଯାଇଛି। ଉକ୍ତ ୨୦୧୧ ଅଧିସୂଚନାରେ ଏ ସବୁ ଉପକୂଳ ଅଞ୍ଚଳରେ ଅବକ୍ଷୟମାନ ଘଟୁଥିବା ଦେଖାଯାଇଛି। ଉକ୍ତ ୨୦୧୧ ଅଧିସୂଚନାରେ ଏ ସବୁ ଉପକୂଳ ଅଞ୍ଚଳର ଅବକ୍ଷୟ ସମ୍ପର୍କରେ ବିଜ୍ଞାନ ସମ୍ମତ ଅନୁଧାନ କରାଯାଇ ଏ ସବୁକୁ(କ) ଦ୍ରୁତ ଅବକ୍ଷୟ (High Eroding)(ଖ) ମଧ ଅବକ୍ଷୟ (Medium Eroding)(ଗ) କମ୍ ଅବକ୍ଷୟ (Low Eroding)(ଘ) ସ୍ଥିର ଉପକୂଳ (Stable stretches) ଭାବେ ଚିହ୍ନଟ କରାଯାଇ ସମୁଦ୍ରକୂଳ ଦ୍ରୁତ ଅବକ୍ଷୟ ଅଞ୍ଚଳର ନିୟନ୍ତ୍ରଣ ଓ ବିକାଶ କରାଯିବାକୁ ଏଥିରେ ବ୍ୟବସ୍ଥା କରାଯାଇଛି।

୦ ବିକାଶ ନିଷିଦ୍ଧ କ୍ଷେତ୍ର (NDZ) ରେ ନିର୍ଦ୍ଦିଷ୍ଟ ଦୃଷ୍ଟି ନେଇ କଟକଣା ରିହାତି (Relaxation of No Development Zone (NDZ) for specific porpose)-

କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ପରମ୍ପରା ଭାବେ ବସବାସ କରୁଥିବା ଉପକୂଳ ଅଧିବାସୀ ଗୋଷ୍ଠୀ, ପାରମ୍ପରିକ ମତ୍ସ୍ୟଜୀବୀ ଗୋଷ୍ଠୀ ନିଷିଦ୍ଧ କରାଯାଇଥିବା ୧୦୦ ମିଟରରୁ ୨୦୦ ମିଟର ଉପକୂଳ ଅଞ୍ଚଳରେ ବସବାସ, କୌଣସି ନିର୍ମାଣ ଅଥବା ପୁନର୍ନିର୍ମାଣ କରିବାର ଅନୁମତିକୁ ବିଚାର କରି କୋହଳ କରାଯିବାକୁ ଉକ୍ତ ଅଧିନିୟମ-୨୦୧୧ ରେ ବ୍ୟବସ୍ଥା କରାଯାଇଛି।

**ଅଧିସୂଚନା-୨୦୧୧ରେ ଥିବା କେତେକ ପ୍ରମୁଖ ସମସ୍ୟା ବହୁଳ ଅଞ୍ଚଳ ଯାହାକୁ ସମ୍ମୁଖୀନ କରାଯିବା ଆବଶ୍ୟକ**

What are some key problem areas with the 2011 Notfication, which need to be challenged?

ସମୁଦ୍ରକୂଳ ଭିତର ସୁବିଧା ଆବଶ୍ୟକ ନଥିବା କାର୍ଯ୍ୟକୁ ଅନୁମତି ଯେଉଁ କାର୍ଯ୍ୟଗୁଡିକ ସିଧାସଳଖ ସମୁଦ୍ର ଜଳଭାଗ କିମ୍ବା ଉପକୂଳ ଅଞ୍ଚଳର ସୁବିଧା ଆବଶ୍ୟକ ହେଉନଥିବ ଯେପରିକି ମୁମ୍ବାଇର ସବୁଜକ୍ଷେତ୍ର ବିମାନବନ୍ଦର, ଆଣବିକ ଶକ୍ତିକେନ୍ଦ୍ର ଆଦି ୨୦୧୧ ଅଧିସୂଚନା ଅନୁସାରେ ପୂର୍ବପରି ଅନୁମତି ହାସଲ କରୁଥିବେ।

**ଯୋଡା ଯୋଡି ଖମ୍ବ ଓ ସ୍ତମ୍ଭ ଉପରିସ୍ଥ ରାସ୍ତାକୁ ଅନୁମତି**

[ Roads - on - stilts or Pillars allowed]

ଉକ୍ତ ଅଧିସୂଚନା ଅନୁଯାୟୀ ଉପକୂଳ ନିୟନ୍ତ୍ରଣ କ୍ଷେତ୍ରରେ ଯୋଡା ଯୋଡି ଖମ୍ବ ଅଥବା ସ୍ତମ୍ଭ ଉପରେ ରାସ୍ତା ନିର୍ମାଣକୁ ଅନୁମତି ଦିଆଯାଉଛି। ଏଥିପାଇଁ କୌଣସି ସ୍ପଷ୍ଟ ଭାବେ ଦର୍ଶାଯିବା ଆବଶ୍ୟକ ନାହିଁ। ଏଭଳି ଦୁର୍ବଳ ବ୍ୟବସ୍ଥା ଦ୍ୱାରା କେହିବି ଏହାର ଅପବ୍ୟବହାର କରିପାରେ। ତଥାପି ଏକ୍ସପ୍ରେସ ରାସ୍ତା ଓ ଫ୍ଲାଇ ଓଭର ବଳି ବୃହତ୍ ପ୍ରକଳ୍ପ ପରିବେଶ ଭଙ୍ଗୁର ଉପକୂଳ ଅଞ୍ଚଳରେ କରାଯିବାକୁ ଅନୁମତି ମିଳିପାରିବ। ଏଭଳି ପଦ୍ଧ ଗୁଡିକ ଚେନ୍ନାଇ ଓ ମୁମ୍ବାଇ ଠାରେ ଦେଖିବାକୁ ମିଳେ।

ଉପକୂଳ ଅଞ୍ଚଳ ପରିଚାଳନା କର୍ତ୍ତୃପକ୍ଷ ଠାରେ (CZMA) ମତ୍ସ୍ୟଜୀବୀ ଗୋଷ୍ଠୀଙ୍କ ପ୍ରତିନିଧି ଅନାବଶ୍ୟକ- ( No representation of fishing commities in National & State - Level CZMAs)

ଜାତୀୟ ଅଥବା ରାଜ୍ୟସ୍ତରରେ ଗଠିତ "ଉପକୂଳ ଅଞ୍ଚଳ ପରିଚାଳନା କର୍ତ୍ତୃପକ୍ଷ"ଙ୍କ ଠାରେ ମତ୍ସ୍ୟଜୀବୀ ଗୋଷ୍ଠୀଙ୍କ ପ୍ରତିନିଧି ରହିବାର କୌଣସି ବ୍ୟବସ୍ଥା ନାହିଁ। ଏଥିନେଇ ମତ୍ସ୍ୟଜୀବୀ ଗୋଷ୍ଠୀ/ସଂଗଠନ ଦୀର୍ଘଦିନରୁ ଦାବୀ କରିଆସିଛନ୍ତି। ଏଠାରେ ପ୍ରତିନିଧିତ୍ୱ କରିବାର ବ୍ୟବସ୍ଥା ନଥିବାରୁ ଆମ ସାମୁଦ୍ରିକ ଉପକୂଳ ଅଞ୍ଚଳର ସମ୍ବଳ ଗୁଡିକର ସ୍ୱାଭାବିକ ବ୍ୟବହାରକାରୀ ଏହି ବୃହତ୍ ଭାଗୀଦାରମାନେ ଏଥିନେଇ କୌଣସି ବିଧିବ୍ୟବସ୍ଥାରେ ଭୂମିକା ଗ୍ରହଣ କରିବା ଓ ପରିଚାଳନା ଠାରୁ ଅଲଗା ହୋଇ ପଡୁଥିଲେ।

ଏଣୁ ଏହି "୨୦୧୧- ଅଧିନିୟମ"ରେ ସ୍ଥାନୀୟ ପାରମ୍ପରିକ ମତ୍ସ୍ୟଜୀବି ଗୋଷ୍ଠୀ ତଥା ବଂଶାନୁକ୍ରମିକ ମତ୍ସ୍ୟଜୀବି ଗୋଷ୍ଠୀ ସେମାନଙ୍କ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଅଧକ୍ଷତାରେ ଗଠନ କରାଯାଇଥିବା ଜିଲ୍ଲାସ୍ତରୀୟ କମିଟିରେ ପ୍ରତିନିଧିତ୍ୱ କରିବା ସହ ଅଧିସୂଚନା ମୁତାବକ ପରିଚାଳନା ଓ କ୍ରିୟାନ୍ୱୟନରେ ସହଯୋଗ କରିବାର ବ୍ୟବସ୍ଥା କରାଯାଇଛି।

**ନିର୍ମାଣ ଓ ପୁନର୍ନିର୍ମାଣ କ୍ଷେତ୍ରରେ ଅନୁମତି ବ୍ୟବସ୍ଥା (NDZ ସମସ୍ୟା ଅଞ୍ଚଳରେ)**

ପାରମ୍ପରିକ ଉପକୂଳ ଅଧିବାସୀ ବିଶେଷତଃ ମତ୍ସ୍ୟଜୀବୀ ଗୋଷ୍ଠୀ ଉପକୂଳ ନିଶିଦ୍ଧ ଅଞ୍ଚଳ (No Development Zone)ତୃତୀୟ ଶ୍ରେଣୀ ଅଞ୍ଚଳ (CRZ-III)ର ୧୦୦ରୁ ୨୦୦ ମିଟର ଦୂରରେ କୌଣସି ନିର୍ମାଣ ଅଥବା ପୁନର୍ନିର୍ମାଣ କାର୍ଯ୍ୟ ଏକ ସମସ୍ୟା ଅଟେ। ଏହି ନିୟମକୁ ଅଧାର କରି ଏହାର ଅସତ୍ ବ୍ୟବହାର କରାଯିବା ଆଶଙ୍କା ରହିଛି। ନିର୍ମାଣ କାର୍ଯ୍ୟ ବ୍ୟାପକ କରାଯିବା ସହ ସାମୁଦ୍ରିକ ଉପକୂଳ ସମ୍ବଳ ତଥା ନିଶିଦ୍ଧାଞ୍ଚଳ ଓ CRZ-III ଅଞ୍ଚଳ ପ୍ରତି ଚାପ ସୃଷ୍ଟି ହୋଇପାରେ। ଏଣୁ ବେଳେ ପାରମ୍ପରିକ ମତ୍ସ୍ୟଜୀବି ଗୋଷ୍ଠୀ ଓ ସଂଗଠନ ଗୁଡିକ, ଯେଉଁଠି ସେମାନଙ୍କ ବସବାସ ବୃଦ୍ଧି ପାଇଁ ଅନ୍ୟ ପଡାସ୍ଥାନ ନଥିବ। ଏହିପରି ବ୍ୟତିକ୍ରମ ପରିସ୍ଥିତିରେ ଏ ବିଷୟରେ ଅନୁଧାନ କରାଯାଇପାରେ। କିନ୍ତୁ ମନେରଖିବା ଉଚିତ ଯେ ମତ୍ସ୍ୟଜୀବୀ ଗୋଷ୍ଠୀ କେବଳ ସେମାନଙ୍କ ଜୀବୀକା ନିର୍ବାହ ପାଇଁ ଏଭଳି ଉପକୂଳ ଅଞ୍ଚଳରେ (NDZ)ରହୁଛନ୍ତି।

**ଜଟିଳ ଭୟଙ୍କର ଉପକୂଳ ଅଞ୍ଚଳରେ ସମସ୍ୟା**

(Critical Vulnerable coastal Area. CVCA problematic)

ପ୍ରସ୍ତାବ ଅନୁସାରେ ଅଞ୍ଚଳରେ କୌଣସି ପରିଚାଳନା କାର୍ଯ୍ୟ ସ୍ଥାନୀୟ ଗୋଷ୍ଠୀଙ୍କ ଦ୍ୱାରା କରାଯିବା ଅତି ସୀମିତ। ଏ କ୍ଷେତ୍ରରେ ବିଭିନ୍ନ ବିପତ୍ତିର ସମସ୍ୟା ଥିବା ଯୋଗୁ ସ୍ଥାନୀୟ ଗୋଷ୍ଠୀ ସେମାନଙ୍କ ପଦବୀ ଓ ପରିଚାଳନା କ୍ଷେତ୍ରରେ ନିର୍ଦ୍ଦିଷ୍ଟ ଭାବେ ସୀମାବଦ୍ଧ। ଗୋଷ୍ଠୀ ଓ ପରିଚାଳନା ଉପକୂଳ ସଂରକ୍ଷଣ (CMCRs)ବ୍ୟତୀତ ମତ୍ସ୍ୟଜୀବୀ ଗୋଷ୍ଠୀ ଓ ସଂଗଠନ

ପ୍ରାୟତଃ କର୍ତ୍ତୃତ୍ୱହୀନ ହୋଇଥାନ୍ତି ।

**ମୁମ୍ବାଇ ବସ୍ତି ଅଞ୍ଚଳରେ ପୁନଃବିକାଶ** (Slum redevelopment in Mumbai)

ମୁମ୍ବାଇର ବସ୍ତି ଅଞ୍ଚଳ (ଗୁଜୁରାଟ ଉପକୂଳ)ରେ ବସବାସ ପାଇଁ ଅଧିକସ୍ଥାନ ଆବଶ୍ୟକ ଥିବା ହେତୁ ଏହାକୁ ଅନୁଧାନ ପୂର୍ବକ ବସ୍ତି ଅଞ୍ଚଳରେ ପୁନଃ ବିକାଶ ତଥା ଅଧିକ ଗୃହପୋଯୋଗୀ ସ୍ଥାନ ନିମନ୍ତେ ଅନୁମତି ପ୍ରଦାନ କରାଯାଉଛି । ଅତି ବିପଦଶଙ୍କୁଳ ଉପକୂଳ ଅଞ୍ଚଳରେ ବାସହୀନ ବସ୍ତିବାସିନ୍ଦାଙ୍କୁ ରଖାଯିବାକୁ ଯୁକ୍ତି କରାଯାଉଛି । ଗୃହପୋଯୋଗୀ ସ୍ଥାନ ଆବଶ୍ୟକ ବୋଲି ଦର୍ଶାଯାଇ ଅତି ବିପଦଶଙ୍କୁଳ ସ୍ଥାନ ତଥା ଉପକୂଳ ହେନ୍ତାଳବଣ ଅଞ୍ଚଳ. ସାମୁଦ୍ରିକ ଜୁଆର ସମ୍ଭାବିତ ଅଞ୍ଚଳ ଗୁଡିକରେ ପୁନବିକାଶ ଏକ ଗଭୀର ପ୍ରଶ୍ନବାଚୀ । ଏଭଳି ଯୁକ୍ତି କରୁଥିବା ଉଚ୍ଚ କର୍ତ୍ତୃପକ୍ଷ ପ୍ରକୃତରେ ବସ୍ତିବାସିନ୍ଦା ଲୋକଙ୍କ ବସବାସ ପାଇଁ ନୁହେଁ ବରଂ ସେଠାରେ କିଛି ଅଧିକ ଅଟ୍ଟାଳିକା ଗଢି ବାହାର ଲୋକଙ୍କୁ ଦେଇ ଲାଭବାନ ହେବାର ଉଦ୍ଦେଶ୍ୟ ମଧ୍ୟ ରହୁଛି । ଏଭଳି ବ୍ୟବସ୍ଥାରେ ମୁମ୍ବାଇ ଉପକୂଳ ଅଞ୍ଚଳରେ ଅଧିକ ଜନସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି ।

**ଆଞ୍ଚଳିକ ପରିବେଶ ପ୍ରଭାବ** (Environment impact Assesement EIA)

ପ୍ରସ୍ତୁତିର ବ୍ୟବସ୍ଥା ନାହିଁ- ଅଧିସୂଚନା ୨୦୧୧ ଅନୁଯାୟୀ କୌଣସି ବ୍ୟକ୍ତିଗତ ପ୍ରକଳ୍ପର ଅନୁମତି ମଞ୍ଜୁର ପାଇଁ ସେଠାକାର ଅଞ୍ଚଳ ଉପରେ ପରିବେଶ ପ୍ରତି କଣ ପ୍ରଭାବ ପଡିବ ତହିଁର ଆକଳନ କରାଯିବା ଅନାବଶ୍ୟକ ଏଭଳି ବ୍ୟବସ୍ଥା କରାଯିବା ଆବଶ୍ୟକ ଯହିଁରେ ସେଠାରେ ପୂର୍ବରୁ ଥିବା ଓ ପ୍ରସ୍ତାବିତ ପ୍ରକଳ୍ପ ଗୁଡିକ ଉପରେ କିଭଳି ପ୍ରଭାବମାନ ପଡିବ ଏବଂ ଏହାର ଧାରଣ କ୍ଷମତା ପ୍ରତି ଧ୍ୟାନ ରଖିବା ଆବଶ୍ୟକ ।

**ସାମୁଦ୍ରିକ ଉପକୂଳ କ୍ଷେତ୍ର ଯୋଜନାର ବାରମ୍ବାର ସମୀକ୍ଷା-**

ଉକ୍ତ ୨୦୧୧ ଅଧିସୂଚନା ଅନୁଯାୟୀ ଉପକୂଳ ଅଞ୍ଚଳ ପରିଚାଳନା ଯୋଜନା ସର୍ମ୍ପକରେ ପ୍ରତି ୮ ବର୍ଷ ଅଥବା ତା ଠାରୁ କମ୍ ଅବଧି ମଧ୍ୟରେ ସମୀକ୍ଷା କରାଯିବ । ବାରମ୍ବାର ସମୀକ୍ଷାଦ୍ୱାରା ଉପକୂଳ ଅଞ୍ଚଳ ଗୁଡିକର ଶ୍ରେଣୀ ବିଭାଗ ତଥା ଏହାର ଢାଞ୍ଚାଗତ ନିୟନ୍ତ୍ରଣ କାର୍ଯ୍ୟ ଦୁର୍ବଳ ହେବା ଆଶଙ୍କା କରି ମତ୍ସ୍ୟଜୀବୀ ସଂଗଠନ ଗୁଡିକ ଉକ୍ତ ଯୋଜନାକୁ (CZMP) ଅନ୍ତତଃ ୧୦ ବର୍ଷ ପରେ ସମୀକ୍ଷା କରିବାକୁ ଦାବୀ କରିଛନ୍ତି । ଉପକୂଳ କ୍ଷେତ୍ର ଅଞ୍ଚଳରେ ପରିବର୍ତ୍ତନ (Rezonation) ସମ୍ଭବ ହୋଇପାରେ । ୧୯୯୧ ଅଧିସୂଚନାରେ ଏ ସମ୍ପର୍କୀତ ଏକ ସମସ୍ୟା ହେଉଛି ଯେ CRZ-III ଶ୍ରେଣୀୟ ଉପକୂଳ ଅଞ୍ଚଳ (ଗ୍ରାମାଞ୍ଚଳ)କୁ CRZ-II ବା ଦ୍ୱିତୀୟ ଶ୍ରେଣୀୟ (କମ୍ କଟକଣା ଥିବା ନିର୍ମାଣ ଅଞ୍ଚଳ)କୁ ପରିବର୍ତ୍ତନ ପାଇଁ ଅନୁମତି ଚାହିଁବା କିନ୍ତୁ CRZ-III ଶ୍ରେଣୀ ଅଞ୍ଚଳରୁ CRZ-II ଶ୍ରେଣୀ ଅଞ୍ଚଳ ଭାବେ ପରିବର୍ତ୍ତନ କରାଯିବାର ଅନେକ ପ୍ରସ୍ତାବକୁ ଅଧିସୂଚନାର ଉଦ୍ଦେଶ୍ୟକୁ ଅଣଦେଖା କରି ଜନସଂଖ୍ୟା ବୃଦ୍ଧି ଦର୍ଶାଇ ଅନୁମତି ଦିଆଯାଇଛି । ଏହାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀ ଗୋଷ୍ଠୀ ପ୍ରତିନିଧିଙ୍କ ଗୁରୁତ୍ୱ ଦୃଷ୍ଟିରୁ ରାଜ୍ୟ ତଥା ବିଜ୍ଞାପିତ ଅଞ୍ଚଳର ଜାତୀୟସ୍ତରର (CZMA)ଉପକୂଳ କ୍ଷେତ୍ର ପରିଚାଳନା କର୍ତ୍ତୃପକ୍ଷଙ୍କ ଠାରେ ଉପକୂଳ କ୍ଷେତ୍ର( ଶ୍ରେଣୀ ପରିବର୍ତ୍ତନ)ର ପରିବର୍ତ୍ତନ ସମ୍ପର୍କିତ ପରୀକ୍ଷା କରାଯାଇଥାଏ ।

**Re-zonation remains possible:** (ପୁର୍ନର ଆଞ୍ଚଳିକ ସମ୍ଭବ ଅଟେ ।)

ଏକ ସମସ୍ୟା ଯେ ଏହା ସମ୍ଭବ ଯେ ପୁର୍ନବାର (CRZ) ଉପକୂଳ ନିୟନ୍ତ୍ରଣ ଜୋନ -III ଅଞ୍ଚଳ (ମୁଖ୍ୟତ ଗ୍ରାମାଞ୍ଚଳରୁ ଉପକୁଳ ନୟନ୍ତ୍ରଣ ଜୋନ -II ଅଞ୍ଚଳ ( ଯେଉଁ ଅଞ୍ଚଳ ମାନଙ୍କର ଅନେକ ଉନ୍ନତିମାନ କାର୍ଯ୍ୟକ୍ରମ କରାଯାଇଛି ।

୧୯୯୧ ମସିହା (ନୋଟିଫିକେସନ୍ ଅନୁସାରେ ଏହିଭଳି ଅନେକ ଯୋଜନାମାନ ପୂର୍ବରେ ଅଞ୍ଚଳ ଯାହା ଉପକୂଳସୁରକ୍ଷାIII ରୁ ଉପକୂଳ ସୁରକ୍ଷା ଅଞ୍ଚଳ -II ରେ ମଞ୍ଜୁର ହୋଇଥିଲା । ଯାହା ମତ୍ସଜିବୀ ମାନଙ୍କ ପାଇଁ ଗୁରୁତ୍ୱ ଅଟେ । କାରଣ ଏହି ଅଞ୍ଚଳ ମାନଙ୍କରେ ଉନ୍ନତି ମାନର କାର୍ଯ୍ୟକ୍ରମ ସମ୍ବନ୍ଧରେ ମତ୍ସଜିବୀ ମାନଙ୍କର ରାଜ୍ୟ କେନ୍ଦ୍ରାଞ୍ଚଳ ଓ ଜାତୀୟ ସ୍ତରରେ ଉପକୂଳ ଅଞ୍ଚଳ ପରିଚାଳନା ମାଧମରେ ପରିକ୍ଷା ହେବା ଉଚିତ ।

## ୪. ଉପକୂଳ ନିୟନ୍ତ୍ରଣ କ୍ଷେତ୍ର ଅଧିସୂଚନା ୨୦୧୧ରେ ମତ୍ସ୍ୟଜୀବୀ ଗୋଷ୍ଠୀ ମାନଙ୍କ ସୁବିଧା ପାଇଁ କିଭଳି ବ୍ୟବସ୍ଥା ସବୁ କରାଯାଇଛି ।

( What are the provisions in the CRZ-2011 that could be benefical for fishing communities?)

ଉକ୍ତ ୨୦୧୧ ଅଧିସୂଚନାରେ ମତ୍ସ୍ୟଜୀବୀ ଗୋଷ୍ଠୀଙ୍କ ପାଇଁ ଅନେକ ସୁବିଧାଜନକ ବ୍ୟବସ୍ଥା ରହିଛି । କେବେ ମୁଖ୍ୟକଥା ହେଉଛି ଯେ ଏ ସବୁ ଗୋଷ୍ଠୀ ଏସବୁ ବ୍ୟବସ୍ଥା ବିଷୟରେ ଜାଣିବା ଦରକାର ।

**(କ) ନିଷ୍ପତ୍ତି ପ୍ରସ୍ତୁତିରେ ମତ୍ସ୍ୟଜୀବୀ ଗୋଷ୍ଠୀଙ୍କ ପ୍ରତିନିଧିତ୍ୱ-** (ଜିଲ୍ଲାସ୍ତରୀୟ ପ୍ରତିନିଧିତ୍ୱ) ଉକ୍ତ ୨୦୧୧ ଅଧିସୂଚନା ଅନୁଯାୟୀ ସ୍ଥାନୀୟ ପାରମ୍ପରିକ ଉପକୂଳ ଅଧିବାସୀ ଗୋଷ୍ଠୀ ମୁଖ୍ୟତଃ ପାରମ୍ପରିକ ମତ୍ସ୍ୟଜୀବୀମାନେ ଜିଲ୍ଲାସ୍ତରୀୟ କମିଟି

ମାନଙ୍କରେ ଯାହାକି ଜିଲ୍ଲାର ଜିଲ୍ଲାପାଳଙ୍କ ଅଧକ୍ଷତାରେ ବିଜ୍ଞପ୍ତି ଜରିଆରେ ଗଠନ କରାଯାଉ ଉକ୍ତ ନିୟମକୁ ପରିଚାଳନା ଓ କ୍ରିୟାନ୍ୱୟନ କରାଯିବା ପାଇଁ ପ୍ରତିନିଧିମାନେ ସହଯୋଗ କରିବା ନିମନ୍ତେ ପ୍ରତିନିଧିତ୍ୱ କରିବାର ବ୍ୟବସ୍ଥା ରହିଛି। ତେବେ ଏହାର ପରିଚାଳନା ଓ କ୍ରିୟାନ୍ୱୟନ ପାଇଁ ରାଜ୍ୟ ତଥା ବିଜ୍ଞାପିତ ଅଞ୍ଚଳ ଗୁଡିକରେ ଗଠିତ ଉପକୂଳ ନିୟନ୍ତ୍ରଣ ପରିଚାଳନା କର୍ତ୍ତୃପକ୍ଷ ମୁଖ୍ୟତଃ ଦାୟିତ୍ୱ ବହନ କରିଥାନ୍ତି।

**(ଖ) ବିବିଧ ଯୋଜନା ପ୍ରସ୍ତୁତିରେ ମତ୍ସ୍ୟଜୀବୀ ଗୋଷ୍ଠୀଙ୍କ ସହଭାଗିତା-** (Fishing Communities Participation in planning)

ଉପକୂଳ କ୍ଷେତ୍ର ପରିଚାଳନା ଯୋଜନା (CZMP)ରେ ସହଭାଗିତା-

ଉକ୍ତ ୨୦୧୧ ଅଧିସୂଚନା ଅନୁଯାୟୀ ଉପକୂଳ କ୍ଷେତ୍ର ପରିଚାଳନା ଯୋଜନା ଚୂଡାନ୍ତ ଅନୁମୋଦନ ପୂର୍ବରୁ ବିଭିନ୍ନ ସ୍ତରରେ ବିଚାର ବିମର୍ଷ ପରେ ପ୍ରସ୍ତୁତ କରାଯିବା ବ୍ୟବସ୍ଥା ରହିଛି। ଏଣୁ ଉପକୂଳ କ୍ଷେତ୍ର ପରିଚାଳନା କର୍ତ୍ତୃପକ୍ଷ (CZMP) ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତି ବୀଶେଷଙ୍କୁ ଡାକି ସାମିଲ କରାଇ ସେମାନଙ୍କ ସହ ବିଚାର ଆଲୋଚନା କରାଯାଇ ସେମାନଙ୍କ ଏ ସମ୍ପର୍କୀତ ମତାମତ ଗୁଡିକୁ ଚିଠା କରାଯାଇ ପରିଚାଳନା ଯୋଜନାରେ ଅର୍ନ୍ତଭୁକ୍ତ କରାଯିବା ଆବଶ୍ୟକ ଅଛି। ଏହାଦ୍ୱାରା ମତ୍ସ୍ୟଜୀବୀ ଗୋଷ୍ଠୀ ମାନେ ପରିଚାଳନା ଯୋଜନା ପ୍ରସ୍ତୁତିରେ ସେମାନଙ୍କ ବକ୍ତବ୍ୟ ରଖିବାକୁ ସୁଯୋଗ ଆଣି ଦେଇଛି।

ଉକ୍ତ ଉପକୂଳ ନିୟନ୍ତ୍ରଣ ପରିଚାଳନା ଯୋଜନାରେ ମତ୍ସ୍ୟଜୀବୀ ଅଧ୍ୟୁଷିତ ଗ୍ରାମ (ତଥା ସେମାନଙ୍କ ମାଛଧରା ଜେଠି, ମାଛଶୁଖା ଖଳା ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧା) ଓ ସେମାନଙ୍କ ଜୀବୀକା ନିର୍ବାହ ଓ ଅନ୍ୟାନ୍ୟ ଆବଶ୍ୟକ ସାଧାରଣ ସମ୍ପତ୍ତି ଗୁଡିକୁ ଚିହ୍ନଟ କରିବାର ଆବଶ୍ୟକତା ରହିଛି। ମତ୍ସ୍ୟଜୀବୀ ଗୋଷ୍ଠୀଙ୍କ ଦ୍ୱାରା ବ୍ୟବହୃତ ପ୍ରକୃତ ଜମି ଓ କିଭଳି ଭାବେ ଏହାକୁ ବ୍ୟବହାର କରୁଛନ୍ତି। ସେମାନଙ୍କ ସ୍ୱାର୍ଥରକ୍ଷା ଦିଗରେ ଯୋଜନା (CZMP) ରେ କିଭଳି ବ୍ୟବସ୍ଥା ରହିଛି ଆଦି ତଥ୍ୟା ଗୁଡିକ ପ୍ରଦାନ କରାଯିବାରେ ଏହା ସେମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ନଚେତ୍ ଅନ୍ୟ ଗୋଷ୍ଠୀମାନେ ମତ୍ସ୍ୟଜୀବୀ ଗୋଷ୍ଠୀଙ୍କୁ ସ୍ଥାନଚ୍ୟୁତ କରି ସେମାନଙ୍କ ସ୍ଥାନ ଦଖଲ ଉଦ୍ୟମ କରିପାରନ୍ତି।

**(ଗ) ମତ୍ସ୍ୟଜୀବୀ ଗ୍ରାମ ଯୋଜନା-** (Planning for fishing village)

ଧାର୍ଯ୍ୟ ନିୟମ ଅନୁଯାୟୀ ଉପକୂଳ ନିୟନ୍ତ୍ରଣ ପରିଚାଳନା ଯୋଜନା (CZMP) ଗଠନ କରିବାକୁ ସମ୍ପୃକ୍ତ ରାଜ୍ୟ ସରକାର ଦୀର୍ଘକାଳୀନ ଗୃହ ଆବଶ୍ୟକତା ଏବଂ ଏହାର ଆବଶ୍ୟକ ବୃଦ୍ଧି, ଅନ୍ୟାନ୍ୟ ଆବଶ୍ୟକତା, ମୌଳିକ ସେବା ବ୍ୟବସ୍ଥା ତଥା ପରିମଳ, ବିପର୍ଯ୍ୟୟ ପରିସ୍ଥିତିରେ ନିରାପତ୍ତା ପ୍ରସ୍ତୁତି ଆଦି ବିଷୟରେ ଉପକୂଳ ମତ୍ସ୍ୟଜୀବୀ ଗୋଷ୍ଠୀଙ୍କ ସମ୍ପର୍କରେ ସବିଶେଷ ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ମତ୍ସ୍ୟଜୀବୀ ଗୋଷ୍ଠୀ ଗୁଡିକ ସମ୍ପୃକ୍ତ ରାଜ୍ୟ ତଥା ବିଜ୍ଞପିତ ରାଜ୍ୟ ସରକାରଙ୍କ ସହ ଏ ସବୁ ବ୍ୟବସ୍ଥାର ଉପଯୋଗରେ ସେମାନଙ୍କ ଗ୍ରାମ ଗୁଡିକର ଯୋଜନାବଦ୍ଧ ବିକାଶ ଏବଂ ସେମାନଙ୍କ ଗୃହଗୁଡିକର ବିକାଶ ପାଇଁ ଗୁରୁତ୍ୱଦେବା ଦିଗରେ କାର୍ଯ୍ୟକରିବା ଆବଶ୍ୟକ।

**ମତ୍ସ୍ୟଜୀବୀ ଗୋଷ୍ଠୀଙ୍କ ଗୃହ ଓ ତଜ୍ଜନିତ ସୁବିଧା-** ( Fishing Community housing and related facilities)

**(କ) ଅଧିବାସୀ ଅଞ୍ଚଳ ଗୁଡିକର ନିୟମିତକରଣ-** (Regularization of dwelling units)

ମତ୍ସ୍ୟଜୀବୀ ଗୋଷ୍ଠୀ ବସବାସ କରୁଥିବା ଅଞ୍ଚଳ ଗୁଡିକ ପୂର୍ବ ୧୯୯୧- ଅଧିସୂଚନା ଅନୁସାରେ ଅନୁମତି ପ୍ରାପ୍ତ ଥିଲା। କିନ୍ତୁ ଅଦ୍ୟାବଧି ଏହା ମଞ୍ଜୁରୀ ମିଳିନଥିବାରୁ ନିମ୍ନ ସର୍ତ୍ତଗୁଡିକ ଥିଲେ ଏହାକୁ ନିୟମିତ କରାଯାଇ ପାରିବ। ସର୍ତ୍ତଗୁଡିକ ହେଲା ଯେ (୧) ସେମାନେ କୌଣସି ବ୍ୟବସାୟିକ କାର୍ଯ୍ୟରେ ସମ୍ପୃକ୍ତ କରୁନଥିବେ (୨) ସେମାନେ ଉକ୍ତ ବାସସ୍ଥାନକୁ କୌଣସି ଉପକୂଳ ଅଣପାରମ୍ପରିକ ଗୋଷ୍ଠୀକୁ ବିକ୍ରୀ ବା ହସ୍ତାନ୍ତର କରିନଥିବେ(ପାରା୬-ଘ) ଉପରୋକ୍ତ ସର୍ତ୍ତ ଭଙ୍ଗ ହେଉନଥିଲେ ମତ୍ସ୍ୟଜୀବୀ ଗୋଷ୍ଠୀ ଏହି ବ୍ୟସ୍ଥାରେ ସେମାନଙ୍କ ବାସଗୃହ ଗୁଡିକର ନିୟମିତକରଣ କରିପାରିବେ।

**(ଖ) ବାସଗୃହର ପୁନଃନିର୍ମାଣ ଏବଂ ମରାମତି -** (Recomtruction/repair of dewelling units)

ଉପକୂଳ ନିୟନ୍ତ୍ରଣକ୍ଷେତ୍ର (ପାରା-୩ଙ) ଅଧିସୂଚନା ଅନୁଯାୟୀ ସ୍ଥାନୀୟ ଅଧିବାସୀ ମୁଖ୍ୟତଃ ପାରମ୍ପରିକ ମତ୍ସ୍ୟଜୀବୀ ମାନେ ସେମାନଙ୍କ ବାସଗୃହର ମରାମତି ଓ ପୁନର୍ନିର୍ମାଣ କାର୍ଯ୍ୟଗୁଡିକୁ ସ୍ଥାନୀୟ ସହର ଅଥବା ଦେଶର ଯୋଜନା ନିୟନ୍ତ୍ରଣଙ୍କ ଅନୁମତି ନେଇ କରିପାରିବେ।

**(ଖ) ବାସସ୍ଥଳୀର ନିର୍ମାଣ ତଥା ପୁନର୍ନିର୍ମାଣ -** (CRZ-III ଅଞ୍ଚଳର ୨୦୦ମି.ରୁ ୫୦୦ମି. ମଧ୍ୟରେ)

ଅପେକ୍ଷାକୃତ କମ୍ ସାମୁଦ୍ରିକ ପ୍ରଭାବଥିବା ଅଞ୍ଚଳ (CRZ-III)ର ସାମୁଦ୍ରିକ ଉପକୂଳରୁ ୨୦୦ମିଟରୁ ୫୦୦ମିଟର

ଦୂରତାରେ ବଂଶାନୁକ୍ରମିକ ଭାବେ ଦଖଲସତ୍ତ୍ୱ ହାସଲ କରି ରହୁଥିବା ଅଧିବାସୀ ମାନେ ସେମାନଙ୍କ ବାସସ୍ଥଳୀରେ ନିର୍ମାଣ ତଥା ପୁନର୍ନିର୍ମାଣ କରି ପାରିବାର ଅନୁମତି ୧୯୯୧ ଅଧିସୂଚନା ନିୟମ ଭଳି ଏଥିରେ ମଧ ପ୍ରଦାନ କରାଯାଇଛି । କିନ୍ତୁ ପକ୍କାଗୃହ ନିର୍ମାଣ ତଥା ପୁନର୍ନିର୍ମାଣ ପାଇଁ ସ୍ଥାନୀୟ ଟାଉନ ଅଥବା ଦେଶୀୟ ପ୍ଲାନିଂ ନିୟମ ମାନିବାକୁ ହେବ। ଏଥିରେ ଗୃହର ଉଚ୍ଚତା ୯ ମିଟର ବା ଦୁଇ ମହଲାରୁ ଉର୍ଦ୍ଧ୍ୱ ( ଭୂମିମହଲା+୧ ) କରାଯାଇ ପାରିବ ନାହିଁ । (ପାରା ୬-III, CRZ-III) । ଏଥିନେଇ ଅନ୍ୟାନ୍ୟ ସର୍ତ୍ତଗୁଡ଼ିକୁ ମଧ କୋହଳ କରାଯାଇଛି । ଉକ୍ତ ୨୦୧୧ ଅଧିସୂଚନା ଅନୁଯାୟୀ ସେ ଅଞ୍ଚଳରେ ଥିବା ବାସଗୃହର ୨ ଗୁଣା ବାସଗୃହ ଅଥବା ସେମାନଙ୍କ ଘରବାଡି ଜମିର ଶତକଡା ୩୩ ଭାଗରୁ ଉର୍ଦ୍ଧ୍ୱ ଜାଗାରେ ଗୃହ ନିର୍ମାଣ କରାଯିବାରେ ଥିବା କଟକଣା ଗୁଡ଼ିକୁ କୋହଳ କରାଯାଇଛି ।

**o ଉପକୂଳସ୍ଥ ବିକାଶ ନିଷିଦ୍ଧ କ୍ଷେତ୍ର (NDZ)ରେ କୋହଳନାମା ( CRZ-III ଅଞ୍ଚଳରେ)**

ଉପକୂଳ ନିୟନ୍ତ୍ରଣ କ୍ଷେତ୍ର ୩ୟ ଶ୍ରେଣୀ ଅଞ୍ଚଳ (CRZ-III)ରେ କୌଣସି ପ୍ରକାର ବିକାଶ କାର୍ଯ୍ୟକୁ ନିଷେଧ କରାଯାଇଥିବା ବେଳେ ଏବେ ଏଥିରେ କୋହଳ କରାଯାଇ ସେ ଅଞ୍ଚଳର ବଂଶାନୁକ୍ରମିକ ଅଧିବାସୀ ମୁଖ୍ୟତଃ ପାରମ୍ପରିକ ମତ୍ସ୍ୟଜୀବୀ ସମ୍ପୃକ୍ତ ଅଞ୍ଚଳର ଉପକୂଳଠାରୁ ୧୦୦ମିଟର ଭିତରେ ବସବାସ ପାଇଁ ଗୃହ ନିର୍ମାଣ ତଥା ପୁନଃ ନିର୍ମାଣ କରିବାକୁ କୋହଳନୀତି ଗ୍ରହଣ କରାଯାଇଛି । ଏଥିନେଇ ରାଜ୍ୟ ତଥା ବିଜ୍ଞାପିତ ରାଜ୍ୟ ସରକାରଙ୍କ ଯୋଜନା ଅନୁଯାୟୀ ଏହାର ଅନୁମୋଦନ ପାଇଁ ସ୍ଥାନୀୟ ଅଧିବାସୀ ପାରମ୍ପରିକ ମତ୍ସ୍ୟଜୀବୀ ଗୋଷ୍ଠୀ ସହ ଆଲୋଚନା ତଥା ବିପର୍ଯ୍ୟୟ ପରିଚାଳନା ଓ ପରିମଳକୁ ଦୃଷ୍ଟିରେ ରଖି ଅନୁମତି ପ୍ରଦାନ କରିବାର ବ୍ୟବସ୍ଥା ରହିଛି । ଉପରୋକ୍ତ କୋହଳ ନିୟମ ଦ୍ୱାରା ଯେଭଳି କୌଣସି ପ୍ରକାର ବେନିୟମ ନିର୍ମାଣ କାର୍ଯ୍ୟ ସମ୍ପୃକ୍ତ ନିଷିଦ୍ଧ ଅଞ୍ଚଳର ୧୦୦ମିଟର ରୁ ୨୦୦ମିଟର ମଧରେ କରାନଯାଏ ସେଥିପ୍ରତି ବିଶେଷ ସତର୍କତା ଅବଲମ୍ବନ କରାଯିବା ଆବଶ୍ୟକ ରହିଛି ।

**o ବିକାଶ ନିଷିଦ୍ଧାଞ୍ଚଳ(NDZ)ରେବିଶେଷ ସୁବିଧା-**

ସମ୍ପୃକ୍ତ ନିଷିଦ୍ଧାଞ୍ଚଳ ଅଞ୍ଚଳରେ ୨୦୧୧ ଅଧିସୂଚନା ଅନୁଯାୟୀ ସ୍ଥାନୀୟ ମତ୍ସ୍ୟଜୀବୀ ଗୋଷ୍ଠୀଙ୍କ ଆବଶ୍ୟକତା ଦୃଷ୍ଟିରୁ ଶୁଖୁଆଖଳା, ମାଛନିଲାମ ଗୃହ, ଜାଲ ମରାମତିଖଳା, ଡଙ୍ଗା ମରାମତି ସ୍ଥାନ, ବରଫ କଳ, ବରଫଗୁଣ୍ଡ କଳ, ମତ୍ସ୍ୟ ଆରୋଗ୍ୟ ସୁବିଧା ଏବଂ ସେଭଳି ( ପାରା-୮ (III),CRZ-III, A(iii) (i) ) କାର୍ଯ୍ୟ ପାଇଁ ଅନୁମତି ଦିଆଯାଇଛି । ସେହିଭଳି ଚିକିତ୍ସାକେନ୍ଦ୍ର, ବିଦ୍ୟାଳୟ, ବର୍ଷା ଆଶ୍ରୟସ୍ଥଳ, ସାଧାରଣ ଶୌଚାଳୟ, ରାସ୍ତା, ସେତୁ, ପାନୀୟ ଯୋଗାଣ ସୁବିଧା, କ୍ରେନ, ସିରେଜ ଜଳ ଯୋଗାଣ ବ୍ୟବସ୍ଥ. ଶବ ସଂସ୍କାର, ସିମେଣ୍ଟ ଓ ବିଦ୍ୟୁତ ସବ୍‌ଷ୍ଟେସନ ଆଦି ସ୍ଥାନୀୟ ଅଧିବାସୀଙ୍କ ଆବଶ୍ୟକତା ଗୁଡ଼ିକୁ ଉପକୂଳ ଅଞ୍ଚଳ ପରିଚାଳନା କର୍ତ୍ତୃପକ୍ଷ ଗୁରୁତ୍ୱର ସହ ବିଚାର କରି ଅନୁମତି ଦେବାର ବ୍ୟବସ୍ଥା କରାଯାଇଛି ।

**o ମୁମ୍ବାଇର କୋଲିୱାଦା (ମତ୍ସ୍ୟଜୀବୀ ଅଞ୍ଚଳ) ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା-**

ସ୍ୱତନ୍ତ୍ରଭାବେ ଅନୁଧ୍ୟାନ କରାଯାଇ ଗ୍ରେଟର ମୁମ୍ବାଇ ଅଞ୍ଚଳର ମତ୍ସ୍ୟଜୀବୀ ବସବାସ କରୁଥିବା ଉପକୂଳବର୍ତ୍ତୀ ଗ୍ରାମଗୁଡ଼ିକ (କୋଲିୱାଦା) ଚିହ୍ନଟ କରାଯାଇ ସେସବୁ ଅପେକ୍ଷାକୃତ କମ୍ ପ୍ରଭାବିତ ଅଞ୍ଚଳ ବୋଲି ଅନୁଧ୍ୟାନ କରାଯିବାପରେ ତାହା ଘୋଷଣା କରାଯିବାର ନିର୍ଦ୍ଦିଷ୍ଟ ବ୍ୟବସ୍ଥା କରାଯାଇଛି । ଏହାପରେ ସମ୍ପୃକ୍ତ ମତ୍ସ୍ୟଜୀବୀ ଗୋଷ୍ଠୀ ବସବାସ କରୁଥିବା ଅଞ୍ଚଳରେ ସେମାନଙ୍କୁ ପୁନଃନିର୍ମାଣ ଅଥବା ମରାମତି କାର୍ଯ୍ୟକରିବାକୁ ଅଗ୍ରାଧିକାର ଭିତ୍ତିରେ ଅନୁମତି ପ୍ରଦାନ ପାଇଁ ନିୟମ କରାଯାଇଛି । ଏସବୁ ବ୍ୟବସ୍ଥା ମୁମ୍ବାଇ ଅଞ୍ଚଳରେ ମତ୍ସ୍ୟଜୀବୀ ଗୋଷ୍ଠୀଙ୍କ ପାରମ୍ପରିକ ଭାବେ ବସବାସ କରୁଥିବା ଜମି ଉପରେ ସେମାନଙ୍କ ଅଧିକାର ସାବ୍ୟସ୍ତ କରିବାରେ ସହାୟକ ହୋଇଛି । ଏସବୁ ବ୍ୟବସ୍ଥା ଗୁଡିକ ମିଳିତ ଭାବେ ଏସବୁ ମତ୍ସ୍ୟଜୀବୀ ଅଧ୍ୟୁଷିତ ଗ୍ରାମ ଗୁଡ଼ିକର ଦୀର୍ଘ ମିଆଦୀ ସ୍ଥାୟୀ ବିକାଶ ଯୋଜନା ଭାବେ ପ୍ରସ୍ତୁତ କରାଯିବାର ଆବଶ୍ୟକତା ଥିବା ଯୋଗୁ ବସ୍ତି ବିକାଶ କାର୍ଯ୍ୟକ୍ରମରେ ଅର୍ନ୍ତଭୁକ୍ତ କରାନଯାଇ ମଧ ଏହି ବ୍ୟବସ୍ଥା ମୁମ୍ବାଇର ଉପକୂଳ ମତ୍ସ୍ୟଜୀବୀ ଗୋଷ୍ଠୀ (କୋଲିୱାଦା)ଙ୍କ ପାଇଁ ଏକ ଭଲ ସୁଯୋଗ ସୃଷ୍ଟି କରିଛି ।

**o ସୂଚନା ବା ତଥ୍ୟ ପାଇବାର ବ୍ୟବସ୍ଥା-** (Access to information)

ଉପକୂଳ ନିୟନ୍ତ୍ରଣ କ୍ଷେତ୍ରରେ ଉପକୂଳ ଅଞ୍ଚଳ ପରିଚାଳନା ଯୋଜନା (CZMP) ସମ୍ବନ୍ଧିତ ସମସ୍ତ ତଥ୍ୟାବଳୀ, ଅନୁମୋଦନ, ସମ୍ମତି ବିବରଣୀ, ଉଲଙ୍ଘନ ନେଇ ତଥା ଉଲଙ୍ଘନ ନେଇ ପଦକ୍ଷେପ ଏବଂ ନ୍ୟାୟାଳୟର ନିର୍ଦ୍ଦେଶ ଆଦି ସମସ୍ତ ତଥ୍ୟ ବା ସୂଚନା ସାଧାରଣରେ ଉପଲବ୍ଧ କରାଇବାକୁ ଉକ୍ତ ୨୦୧୧ ଅଧିସୂଚନାରେ ଗୁରୁତ୍ୱ ଦିଆଯାଇଛି । ଉକ୍ତ ନିୟନ୍ତ୍ରଣ ଅଞ୍ଚଳ (CRZ)ସମ୍ବନ୍ଧୀୟ ଯେକୌଣସି ତଥ୍ୟ ବା ସୂଚନା ପାଇବା ପାଇଁ ସମ୍ପୃକ୍ତ ଉପକୂଳ କ୍ଷେତ୍ର ପରିଚାଳନା କର୍ତ୍ତୃପକ୍ଷଙ୍କ ଲେଖିବାକୁ ହେବ । ଅଧିକନ୍ତୁ ପ୍ରତି ରାଜ୍ୟ ଅଥବା ବିଜ୍ଞାପିତ ରାଜ୍ୟ ଗୁଡିକର ଉପକୂଳ କ୍ଷେତ୍ର ପରିଚାଳନା କର୍ତ୍ତୃପକ୍ଷ ନିଜର ଏକ ଉତ୍ସର୍ଗୀକୃତ ୱେବସାଇଟ ମାଧମରେ ଏ ସମସ୍ତ ତଥ୍ୟ ଓ ସୂଚନା ଗୁଡିକ ଠାରୁ ଆରମ୍ଭ କରି ଏଥିନେଇ ବିଭିନ୍ନ ବୈଠକର ଆଲୋଚ୍ୟ ବିଷୟ, ଗ୍ରହଣ କରାଯାଇଥିବା ନିଷ୍ପତିନାମା ଏବଂ ମଞ୍ଜୁରପ୍ରାପ୍ତ ଅନୁମୋଦନ

ନାମା, ଗୁଡିକସ୍ଥାନିତ ହେବାର ନିୟମ କରାଯାଇଛି। ମୁଖ୍ୟକଥା ଏହି ଯେ ରାଜ୍ୟ ତଥା ବିଜ୍ଞାପିତ ଅଞ୍ଚଳ ପରିଷଦର ୱେବସାଇଟ ସହ ମୁଖ୍ୟତଃ ସଂଯୋଜିତ ଭାବେ ଉକ୍ତ ସୂଚନାଗୁଡିକ ବାସ୍ତବପକ୍ଷେ ଯୋଗାଇ ଦେବାକୁ ସୁନିଶ୍ଚିତ କରାଇବାକୁ ଏବଂ ଏସବୁ ତଥ୍ୟ ମିଳିବା ପ୍ରତି ନିଷ୍ଠାପର ହେବାକୁ ଅଧିସୂଚନାରେ କୁହାଯାଇଛି।

**୦ ପ୍ରଦୂଷଣ ନିୟନ୍ତ୍ରଣ, ସାମୁଦ୍ରିକ ଜଳଭାଗ ହ୍ରାସ ଏବଂ ପରିବେଶ ସନ୍ତୁଳନ ବ୍ୟବସ୍ଥା-**

(Controlling Pollution and degradation of coastal waters and ecosystem)

ଉପକୂଳ ନିୟନ୍ତ୍ରଣ କ୍ଷେତ୍ରର ୪ର୍ଥଶ୍ରେଣୀୟ (CRZ-IV)ଅଞ୍ଚଳ ଭାବେ ଜଳଭାଗରେ ୧୨ ମାଇଲ୍ ଆଞ୍ଚଳିକ ସୀମାଯାଏ। ଜୁଆର ପ୍ରଭାବିତ ଜଳଭାଗକୁ ମିଶାଇ ଅର୍ନ୍ତଭୁକ୍ତ କରାଯାଇଛି। ଉକ୍ତ ଅଧିସୂଚନା ଅନୁଯାୟୀ ଯେଉଁସବୁ କାର୍ଯ୍ୟଦ୍ୱାରା ଏ ସବୁ ଅଞ୍ଚଳର ପରିବେଶ ପ୍ରତି କ୍ଷତି ଉପୁନ୍ନ ହୋଇଥାଏ। ସେ ସବୁକୁ ନିୟନ୍ତ୍ରଣ କରାଯାଇଛି। ଉଦାହରଣ ସ୍ୱରୂପ ଅଶୋଧିତ ଦୂଷିତଜଳ ଉଦ୍‌ବାସ୍ତୁ। କଠିନ ବର୍ଜ୍ୟବସ୍ତୁ ମିଶ୍ରିତ ଜଳ, ଜାହାଜର ସଫେଇ ଜଳ, କୋଇଲା ପାଉଁଶ ଏବଂ କଠିନ ବର୍ଜ୍ୟବସ୍ତୁ ସମୂହ ସର୍ବୋପରି ସାମୁଦ୍ରିକ ମତ୍ସ୍ୟଚାଷ ନିର୍ଗତ ଅବଶେଷ କୁ ନିଷେଧ କରାଯାଇଛି। ଏପରିକି ତୈଳ ଓ ଗ୍ୟାସ ବିସ୍ଫୋଜନ, ଯନ୍ତ୍ରାଦିରେ ଖନନ, ଖଣି କାର୍ଯ୍ୟ, ଡଙ୍ଗାଘର ଏବଂ ଜାହାଜ ଚଳାଚଳ ଆଦିକୁ ଏ ସବୁ (CRZ-IV) ଅଞ୍ଚଳରେ ନିୟନ୍ତ୍ରଣ କରାଯିବାକୁ ( ପାରା-୮ ୪ର୍ଥ(କ)) ବ୍ୟବସ୍ଥା ରହିଛି।

ଆହୁରି ମଧ ବିଭିନ୍ନ କାରଖାନା, ସହର ବଜାର ଏବଂ ଜନ ବସତି ଅଞ୍ଚଳମାନଙ୍କରୁ ନିଷ୍କାସିତ ବଜାର ଅଶୋଧିତ ଓ ବର୍ଜ୍ୟବସ୍ତୁ ମିଶ୍ରିତ ଜଳକୁ ରୋକାଯିବା ନେଇ ସମ୍ପୃକ୍ତ ଉପକୂଳ ରାଜ୍ୟ ଗୁଡିକ ଉକ୍ତ ୨୦୧୧ ଅଧିସୂଚନା ଜାରୀ ହେବାର ( ତା ୦୬-୦୧-୨୦୧୧ଠାରୁ) ୨ବର୍ଷ ମଧ୍ୟରେ ନିଶ୍ଚିତ କରାଇବାର ଆବଶ୍ୟକ ରହିଛି, ପୁନଶ୍ଚ ଏ ସବୁ ଉପକୂଳ ଅଞ୍ଚଳରେ କୌଣସି କଠିନ ଉଦ୍‌ବାସ୍ତୁ, ନିର୍ମାଣ କାର୍ଯ୍ୟର କଠିନ ବର୍ଜ୍ୟ ଅବଶେଷ ଏବଂ କୋଇଲା ପାଉଁଶ ଆଦି ଗଦା କରିବା କାର୍ଯ୍ୟ ଅଧିସୂଚନା ଜାରୀ ହେବାର ୧ ବର୍ଷ ଭିତରେ ସମ୍ପୂର୍ଣ୍ଣ ବନ୍ଦ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଯେହେତୁ ପରିବେଧ ପ୍ରଦୂଷଣ ଏବଂ ସାମୁଦ୍ରିକ ଜଳଭାଗର ମାନହ୍ରାସ ପରିବେଶ ସନ୍ତୁଳନ ପାଇଁ ବିପଜ୍ଜନକ ତେଣୁ ଏହି ବ୍ୟବସ୍ଥାଟି କାର୍ଯ୍ୟକାରୀ ହେଲେ ଖୁବ୍ ଉପକାର ହୋଇ ପାରନ୍ତା। ଏଣୁ ମତ୍ସ୍ୟଜୀବୀ ଗୋଷ୍ଠୀଗୁଡିକ ବର୍ଜ୍ୟବସ୍ତୁ ଢଳାଯିବା ଓ ପ୍ରଦୂଷଣ ସମ୍ପର୍କରେ ସଭିଙ୍କ ଦୃଷ୍ଟି ଆକର୍ଷଣ କରାଇବା ପ୍ରତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଶ୍ଚିତ ଭାବେ ବହନ କରିବେ।

**୪. ମତ୍ସ୍ୟଜୀବୀ ଗୋଷ୍ଠୀ ଗୁଡିକ କିଭଳିଭାବେ ନିୟମ ଉଲଙ୍ଘନର ତଦାରଖ କରିବାର ଦାୟିତ୍ୱ ନିର୍ବାହ କରିବେ ?**

( 5.How can Fishing communitties playa role checking violation ?)

ଭାରତର ସାମୁଦ୍ରିକ ଉପକୂଳ ଅଞ୍ଚଳଗୁଡିକରେ ସବୁଠି ମତ୍ସ୍ୟଜୀବୀ ଗୋଷ୍ଠୀ ଅଛନ୍ତି, ସେମାନେ ପ୍ରକୃତ୍‌ଠ ସ୍ଥାନ ମାନଙ୍କରେ ଥିବାରୁ ସମୁଦ୍ର ଉପକୂଳ ଓ ସମୁଦ୍ର ଜଳରାଶିରେ କେତେବେଳେ କ'ଣ ହେଉଛି ସେ ସବୁ ସେମାନଙ୍କୁ ହିଁ ଜଣା। ସେମାନେ ହିଁ ଜାଣିବା ଆବଶ୍ୟକ ଯେ ଉପକୂଳ ନିୟନ୍ତ୍ରଣ ଅଧିସୂଚନା -୨୦୧୧ ଅନୁଯାୟୀ ମତ୍ସ୍ୟଜୀବୀ ମାନଙ୍କ ସ୍ୱାର୍ଥପାଇଁ ଉପକୂଳ ପରିବେଶ ସନ୍ତୁଳନ କାର୍ଯ୍ୟକ୍ରମ ଠିକ୍ ଭାବେ କାର୍ଯ୍ୟକାରୀ କରାଯିବାକୁ ଗୁରୁତ୍ୱ ଦିଆଯାଇଛି। ସଭିଏଁ ମଧ ଜାଣନ୍ତି ଯେ ପୂର୍ବର ୧୯୯୧- ଅଧିସୂଚନା ପ୍ରାୟତଃ କାର୍ଯ୍ୟକାରୀ କରାନଯିବାରୁ ବହୁତ ବେନିୟମ କାର୍ଯ୍ୟ ଉପକୂଳ ଅଞ୍ଚଳରେ ବୃଦ୍ଧି ପାଇ ମତ୍ସ୍ୟଜୀବୀ ଗୋଷ୍ଠୀଙ୍କ ଜୀବନ ଜୀବୀକାକୁ ଘୋର ପ୍ରଭାବିତ କଲା। ଏଭଳି ଅବସ୍ଥାକୁ ପ୍ରତିରୋଧ କରି ଏଭଳି ପରିସ୍ଥିତି ଆଉ ଯେମିତି ନ ହୁଏ ସେଥିପାଇଁ ମତ୍ସ୍ୟଜୀବୀ ଗୋଷ୍ଠୀ ସବୁବେଳେ ନିଶ୍ଚିତ ସଚେତନ ହେବା ପ୍ରତି ଗୁରୁତ୍ୱ ଦିଆଯାଇଛି।

ସବୁଠାରୁ ଉଲ୍ଲେଖ ଏହି ଯେ ଉକ୍ତ ଉପକୂଳ ନିୟନ୍ତ୍ରଣ ଅଧିସୂଚନା-୨୦୧୧ (CRZ-2011) ଅନୁଯାୟୀ ଏ ସବୁ ଗୋଷ୍ଠୀ ମାନଙ୍କୁ ଏହାର ପ୍ରମୁଖ ଭାଗରେ ସ୍ଥାନିତ କରାଯାଇ ସେମାନଙ୍କ ପାଇଁ ମୁଖ୍ୟତଃ ବ୍ୟବସ୍ଥା କରାଯାଇଛି। ଏଣୁ ସେମାନେ ଉପକୂଳ ଅଞ୍ଚଳ ପରିଚାଳନା ଯୋଜନାରେ ସାମିଲ ହେବାକୁ ଉଦ୍ୟମ କରନ୍ତୁ( From SCZMAS)। ଏ ସମ୍ପର୍କରେ ମନେ ରଖିବାକୁ ହେବ ଯେ, ଉକ୍ତ ୨୦୧୧ ଅଧିନିୟମ ଅନୁଯାୟୀ ଉପକୂଳ ଅଞ୍ଚଳ ପରିଚାଳନା ଯୋଜନା ଲାଗୁ ନ ହେବା ଯାଏ ସେମିତି ପୂର୍ବ ୧୯୯୧ ଉପକୂଳ ଅଞ୍ଚଳ ପରିଚାଳନା ଯୋଜନା ବଳବତ୍ତର ରହିଥିବ।

**ଉପକୂଳ ନିୟନ୍ତ୍ରଣ କ୍ଷେତ୍ର(CRZ-I, II, III)ରେ ବିଭିନ୍ନ ଉଲଙ୍ଘନ-**

[Violation within CRZ i, ii, iii (coastal lands)]

ଉପକୂଳ ନିୟନ୍ତ୍ରଣ କ୍ଷେତ୍ରର ୧ମ, ୨ୟ ଓ ୩ୟ ଶ୍ରେଣୀ ଅଞ୍ଚଳ ଗୁଡିକରେ କୌଣସି ବୃହ ପ୍ରକଳ୍ପ, ଗୃହ କାର୍ଯ୍ୟ କରାଯିବା ପ୍ରତି ସ୍ଥାନୀୟ ଗୋଷ୍ଠୀ ଗୁଡିକ ସତର୍କ ରହିବା ଉଚିତ। ପୁନଶ୍ଚ ଉକ୍ତ ଅଞ୍ଚଳରେ ଯେକୌଣସି ସନ୍ଦେହଜନକ

କାର୍ଯ୍ୟକଳାପ ପ୍ରତି ଦୃଷ୍ଟି ରଖିବା ନିମ୍ନ ପଦକ୍ଷେପମାନ ନେବା ଆବଶ୍ୟକ

୦ କୌଣସି ପ୍ରକଳ୍ପ କାର୍ଯ୍ୟ ହେଉଥିଲେ ଉକ୍ତ କମ୍ପାନୀ ଅଥବା ମାଲିକର ନାମ ଏବଂ ଏହାର ପ୍ରକୃତ ଅବସ୍ଥିତ ଆଦି ବିଷୟରେ ଯଥାସମ୍ଭବ ଅଧିକ ତଥ୍ୟ ସଂଗ୍ରହ କରନ୍ତୁ।

୦ ଉକ୍ତ ପ୍ରକଳ୍ପକୁ ଉପକୂଳ ଅଞ୍ଚଳ ପରିଚାଳନା କର୍ତ୍ତୃପକ୍ଷ ୨୦୧୧-ଅଧିସୂଚନା ଅନୁଯାୟୀ ତଥା ରାଜ୍ୟ ତଥା ବିଜ୍ଞାପିତ ଅଞ୍ଚଳର ୱେବସାଇଟ୍‌ରେ ଅନୁମତି ପ୍ରଦାନ କରାଯାଇଛି କି ନାହିଁ ତଦାରଖ କରନ୍ତୁ। ଯଦି ସେଭଳି ଅନୁମତି ନଥାଏ ତେବେ ସମ୍ପୃକ୍ତ ପରିଚାଳନା କର୍ତ୍ତୃପକ୍ଷଙ୍କୁ ତୁରନ୍ତ ସ୍ପଷ୍ଟୀକରଣ ମାଗିବା ସହ ଏ ସମ୍ପର୍କିତ ସମସ୍ତ ତଥ୍ୟ ଅନ୍‌ଲାଇନରେ ପ୍ରକାଶ କରନ୍ତୁ।

୦ ଯଦି ଏଥିନେଇ ପ୍ରକଳ୍ପକୁ ଅନୁମତି ଦିଆଯାଇନଥାଏବସ୍ତୁତଃ ଏହା ବେଆଇନ, ଏହା ବିରୁଦ୍ଧରେ ରାଜ୍ୟ ଓ ବିଜ୍ଞାପିତ ଅଞ୍ଚଳର ଉପକୂଳ ଅଞ୍ଚଳ ପରିଚାଳନା କର୍ତ୍ତୃପକ୍ଷ (CZMA) ଏବଂ କେନ୍ଦ୍ର ପରିବେଶ ଓ ଜଙ୍ଗଲ ବିଭାଗ ସମେତ ଜାତୀୟ (NFF)ମତ୍ସ୍ୟକର୍ମୀ ସାଧାରଣ ସମ୍ପାଦକଙ୍କୁ NFF ଅଭିଯୋଗ ପତ୍ର ପଠାନ୍ତୁ।

୦ ଉକ୍ତ ପ୍ରକଳ୍ପଟି ଅନୁମୋଦନ ପାଇବା ନେଇ ଯେଉଁ ସର୍ତ୍ତ ଗୁଡିକ ରହିଛି ତହିଁରୁ ଖିଲାପ କରୁଥିବା ମଧ୍ୟ ସମ୍ଭବ। ଏଣୁ ଏହି ପ୍ରକଳ୍ପ ଅନୁମୋଦନର ଏକ ନକଲ ଅଣାଯାଇ ତାହାକୁ ତଦାରଖ କରି ନେବା ମୁଖ୍ୟ ବିଷୟ।

୦ ଯଦି ସନ୍ଦେହ ହୁଏ ଯେ ଉପକୂଳ ନିୟନ୍ତ୍ରଣ କ୍ଷେତ୍ର (CRZ) ଅଧିନିୟମକୁ ଉଲଘଂନ କରାଯାଉ ପ୍ରକଳ୍ପ କାର୍ଯ୍ୟକୁ ଅନୁମତି ଦିଆଯାଇଥାଏ (ପରିଚାଳନା ଯୋଜନା ଅନୁଯାୟୀ) ଏବଂ ଉକ୍ତ ପ୍ରକଳ୍ପ ଦ୍ୱାରା ପରିବେଷ ଗତ ପ୍ରଭାବରେ ଉପକୂଳ ପରିବେଶ ସନ୍ତୁଳନ ପ୍ରଭାବିତ ହୋଇଥାଏ ତେବେ ଏ ସମ୍ପର୍କୀତ ଯଥାସମ୍ଭବ ଅଧିକ ତଥ୍ୟ ସଂଗ୍ରହ କରି ଏକତ୍ର କରନ୍ତୁ ଯଦ୍ୱାରା ଏହା ଅଧିକ ସହାୟକ ହେବ। ଏଥିସହ ପ୍ରକଳ୍ପର ସାମ୍ପ୍ରତିକ, ପୂର୍ବପୃଷ୍ଠଭୂମି ଏବଂ ଆଗକୁ ଏହାର କିଭଳି ପ୍ରଭାବ ପଡିବ, ପଡୁଛି ଓ ପଡିଛି ତହିଁର ବିବରଣୀ ସହ ନିୟମ ଉଲଘଂନ ସମ୍ପର୍କୀତ ଫଟୋ ଏବଂ ଗୁଗଲି ଆର୍ଥ ବ୍ୟବହାର କରି ପ୍ରକଳ୍ପଟିର ସ୍ଥାନ ଚିହ୍ନଟ ଦର୍ଶାଯାଇପାରିଲେ ତାହା ନିୟମ ଉଲଘଂନ ନେଇ ଉପସ୍ଥାପନ ଦିଗରେ ତୁମ୍ଭକୁ ଅଧିକ ସମର୍ଥ କରାଇପାରିବ।

୦ ସମସ୍ତ ଅଭିଯୋଗ ଗୁଡିକ ରାଜ୍ୟ ଓ କେନ୍ଦ୍ରଶାସିତ ରାଜ୍ୟରେ ଥିବା ଉପକୂଳ କ୍ଷେତ୍ର ପରିଚାଳନା କର୍ତ୍ତୃପକ୍ଷ (CZMA)ଏବଂ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟକୁ ପଠାଇବା ସହ ଜାତୀୟ ମତ୍ସ୍ୟକର୍ମୀ ଫୋରମ (NFF)ଙ୍କ ପ୍ରଦତ୍ତ ସଠିକ୍ ଠିକଣାରେ ପଠାଇବା ଆବଶ୍ୟକ।

୦ କୌଣସି ତଥ୍ୟ ପାଇବାକୁ କଷ୍ଟକର ହେଲେ ସୂଚନା ଅଧିକାର ଆଇନକୁ ବ୍ୟବହାର କରାଯାଇ ସମ୍ପୃକ୍ତ SCZMA, ଗ୍ରାମପଞ୍ଚାୟତ, ପୌରସଂସ୍ଥା ଅଥବା ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ମାଧ୍ୟମରେ ସୂଚନା ମଗାଯାଇପାରେ।

୦ ଉପକୂଳ ନିୟନ୍ତ୍ରଣ କ୍ଷେତ୍ର-୪ରେ (ଆଞ୍ଚଳିକ ଜଳରାଶି ଏବଂ ଜୁଆର ପ୍ରଭାବିତ ଜଳ ଭାଗ)

(Violation within CRZ-IV)

ସ୍ଥାନୀୟ ଗୋଷ୍ଠୀ ଗୁଡିକ ସବୁ ଜଳଭାଗରେ ବର୍ଜ୍ୟବସ୍ତୁ ଜମାକରିବା, ଉପକୂଳ ଜଳରାଶିର ପ୍ରଦୂଷଣ ଆଦି ନେଇ ସତର୍କ ରହିବା ଆବଶ୍ୟକ। ଏ ସବୁ ନିୟମ ଉଲଘଂନ କ୍ଷେତ୍ରରେ ସମ୍ପୃକ୍ତ ବ୍ୟବହୃତ ଗାଡି ନମ୍ବର, ଜାହାଜ ନଂମ୍ବର ଡଙ୍ଗା ନଂମ୍ବର ପ୍ରକୃତ ଅବସ୍ଥିତ, ମାଲିକ ମାନଙ୍କ ନାମ ଏବଂ ଏହାର ଫଟୋଚିତ୍ର ଗୁଡିକ ଏକାଠି କରି ରାଜ୍ୟ ଓ ବିଜ୍ଞାପିତ ରାଜ୍ୟର ଉପକୂଳ କ୍ଷେତ୍ର ପରିଚାଳନା କର୍ତ୍ତୃପକ୍ଷ ସର୍ବୋପରି ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟକୁ ବିହୀତ ପଦକ୍ଷେପ ନେବା ପାଇଁ ଜଣାଇବା ଆବଶ୍ୟକ।

## "ଉପକୂଳ ନିୟନ୍ତ୍ରଣ କ୍ଷେତ୍ର ଅଧିସୂଚନା-୧୯୯୧ର ଉଲଘଂନ"

### Violation to CRZ Notification-1991

ଗତ ୨୫ ଜାନୁଆରୀ ୨୦୧୧ରେ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ପକ୍ଷରୁ ପରିବେଶ(ସୁରକ୍ଷା) ଆଇନ-୧୯୮୬ର ଧାରା ୫ ମତେ ସମସ୍ତ ଉପକୂଳବର୍ତ୍ତୀ ରାଜ୍ୟ ଓ ବିଜ୍ଞାପିତ ରାଜ୍ୟ ଗୁଡିକର ଉପକୂଳ କ୍ଷେତ୍ର ପରିଚାଳନା କର୍ତ୍ତୃପକ୍ଷ ମାନଙ୍କୁ (ପତ୍ର ନଂ-୧୧୮୩/୨୦୦୫/A III ତା ୨୫/୧/୨୦୦୧) ନିର୍ଦ୍ଦେଶନାମା ପ୍ରଦାନ କଲା ଏଥିରେ ନିମ୍ନ ବିଷୟ ଉଲ୍ଲେଖ ଅନୁଯାୟୀ କରାଯାଇଥିଲା।

(କ) ଉପକୂଳ ନିୟନ୍ତ୍ରଣ କ୍ଷେତ୍ର ଅଧିସୂଚନା-୧୯୯୧ ଏବଂ ଅନୁମୋଦିତ ଉପକୂଳ କ୍ଷେତ୍ର ପରିଚାଳନା ଯୋଜନା ଅଧୀନରେ ଥିବା ଅଞ୍ଚଳ ଗୁଡିକରେ ଅଧିସୂଚନା ନିୟମର ଉଲଘଂନ ଗୁଡିକ ଉକ୍ତ ନିର୍ଦ୍ଦେଶନାମା ପାଇବାର ୪ ମାସ ଭିତରେ ଚିହ୍ନଟ କର।

(ଖ) ନିୟମ ଉଲଘଂନକାରୀ ବିରୁଦ୍ଧରେ ପରିବେଶ (ସୁରକ୍ଷା) ଆଇନ ୧୯୮୬ ଅନୁଯାୟୀ ଚିହ୍ନଟ କରିବାର ୪ମାସ ଭିତରେ ପଦକ୍ଷେପ ଗ୍ରହଣ କର।

(ଗ) ଚିହ୍ନଟ କରିଥିବା ଉଲଘଂନ ସମ୍ପର୍କରେ ବିସ୍ତୃତ ବିବରଣୀ ସହିତ ଏଥିନେଇ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ


ORISSA
Sundargarh
Jharsuguda
Mayurbhanj
Kendu-
jhar
Deba-
garh
Sambal-
pur
Bargarh
Baleshwar
Bhadrak
Sonapur
Anugul
Dhen-
kanal
Jajapur
Baudh
Balangir
Nuapada
Cuttack
Kendrapara
Kandha-
mal
Nayagarh
Khordha
Jagatsinghapur
Puri
Kalahandi
Ganjam
Nabarangapur
Rayagada
Gajapati
Koraput
Malkangiri